## ୟୁକୋ ବ୍ୟାଙ୍କର ସ୍ୱତନ୍ତ୍ର କୃଷି ଋଣ ଶିବିର "ସଙ୍କଳ୍ପ" ।

ଗତ ୩୦ ତାରିଖରେ ୟୁକୋ ବ୍ୟାଙ୍କ ଦ୍ୱାରା ଏକ କୃଷି ଋଣ ଶିବିର "ସଙ୍କଳ୍ପ" ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଚାଷ ଋଣ ଉପଲବ୍ଧ କରି ଏହାର ସଦୁପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର କୃଷି ବିକାଶ ନିମନ୍ତେ ଅଧିକ କୃଷି ଋଣ ଦେବା ପାଇଁ ଉପସ୍ଥିତ ୟୁକୋ ବ୍ୟାଂକର ଶାଖାପରିଚାଳକ ମାନଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ଶିବିରରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ତମ୍ପତିରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନାରୀ ସଶକ୍ତିକରଣ ଏବଂ ଅର୍ଥନୈତିକ ବିକାଶ ଉପରେ ଆଲୋକପାତ କରିଥିଲେ । ୟୁକୋ ବ୍ୟାଂକ ମୁଖ୍ୟ କାର୍ଯ୍ୟାଳୟ କଲିକତାର ମହାପ୍ରବନ୍ଧକ ଶ୍ରୀ ଦିଲିପ କୁମାର ମିର୍ଦ୍ଧା ଏବଂ ଆଂଚଳିକ କାର୍ଯ୍ୟାଳୟ ସମ୍ବଲପୁରର ଆଂଚଳିକ ପ୍ରବନ୍ଧକ ଶ୍ରୀ ସଂଜୟ କୁମାର ପାଟିଲ ଏହି ଶିବିରରେ ଯୋଗ ଦେଇ ୭୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୬୪ ଜଣ ଚାଷୀଙ୍କୁ ମୋଟ ୧୯୭ ଲକ୍ଷ ଟଂଙ୍କାର ଋଣ ରାଶି ପ୍ରଦାନ କରିଥିଲେ । ଉକ୍ତ ଶିବିରକୁ ଅଗ୍ରଣୀ ଜିଲ୍ଲା ମ୍ୟାନେଜର ଶ୍ରୀ ମହେଶ୍ୱର ଗୌଡ ପରିଚାଳନା କରିଥିଲେ ଏବଂ ଆର ଏସ ଇ ଟି ଆଇ ନିର୍ଦ୍ଦେଶକ ଶ୍ରୀ ନିହାର ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



